ଶ୍ରୀଯୁକ୍ତ 'ଜି' ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବରିଷ୍ଠ ଅଧିବକ୍ତା

*ବନାମ.*

*1954*

*ମେ 27*

ବମ୍ବେ ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧୀଶ ଏବଂ ନ୍ୟାୟାଧୀଶବୃନ୍ଦ ।

[ମୁଖାର୍ଜୀଆ, ଏସ୍. ଆର୍. ଦାସ, ଭିଭିଆନ୍ ବୋଷ, ଗୁଲାମ୍ ହସନ୍, ଏବଂ ଜଗନ୍ନାଧାଦାସ ନ୍ୟାୟାଧୀଶବୃନ୍ଦ]

*ଭାରତୀୟ ଆଇନଜୀବୀ ପରିଷଦ ଅଧିନିୟମ, (1926ରେ XXXVIII), ଧାରା 10 (2)- ଧାରା 10(2) ଅନୁଯାୟୀ ଆଦେଶ ମୌଖିକରୂପେ ହୋଇପାରେ କି -ଉଚ୍ଚ ନ୍ୟାୟାଳୟ "ନିଜ ପ୍ରସ୍ତାବରେ" କାର୍ଯ୍ୟ କରିପାରିବେ କି ।*

ଭାରତୀୟ ଆଇନଜୀବୀ ପରିଷଦ ଅଧିନିୟମ, 1926ରେ ଧାରା 10(2) ଅନୁଯାୟୀ ନ୍ୟାୟାଳୟର ଜଣେ ଉପଯୁକ୍ତ ଅଧିକାରୀଙ୍କୁ ଦିଆଯାଇଥିବା ଆଦେଶ ଏକ ମୌଖିକ ଆଦେଶ ହୋଇପାରେ ଏବଂ ଏହା ଲିଖିତ ହେବାର ଆବଶ୍ୟକତା ନାହିଁ ।

ଉଚ୍ଚ ନ୍ୟାୟାଳୟ ଧାରା 10(2) ଅନୁଯାୟୀ, ନିଜସ୍ୱ ପ୍ରସ୍ତାବରେ ଏକ ମାମଲା ବିଚାରାର୍ଥେ ପଠାଇପାରିବେ ।

ମୂଳ ଅଧିକାରିତା : 1954 ର ଆବେଦନ ସଂଖ୍ୟା 254 ।

ମୌଳିକ ଅଧିକାରର ପ୍ରବର୍ତ୍ତନ ପାଇଁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏହି ଆବେଦନ ।

ବ୍ୟକ୍ତିଗତ ଭାବେ ଆବେଦନକାରୀ ।

ଉତ୍ତରଦାତାମାନଙ୍କ ପାଇଁ *ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତଲୱାଡ (ତାଙ୍କ ସହିତ ଜି. ଏନ୍. ଯୋଶୀ ଏବଂ ପି. ଜି. ଗୋଖଲେ)* ।

1954 ମସିହା ମେ 27 ତାରିଖରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ନ୍ୟାୟମୂର୍ତ୍ତି ବୋଷଙ୍କ ଦ୍ୱାରା-

ଏହା ହେଉଛି ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନ ଏବଂ ଏହା ଆମେ ବର୍ତ୍ତମାନ ରାୟ ପ୍ରଦାନ କରିଥିବା ଏହି ସଂଯୁକ୍ତ ସମନ ମାମଲାରେ ଥିବାପରି ଗୁଣବତ୍ତା ଉପରେ ସମାନ ପ୍ରଶ୍ନ ଉତ୍ଥାପନ କରେ । ସେଠାରେ ଏହି ତଥ୍ୟ ମିଳିଯିବ । ବର୍ତ୍ତମାନର ପ୍ରସଙ୍ଗରେ ଏହା କହିବା ଯଥେଷ୍ଟ ଯେ ମୌଳିକ ଅଧିକାରିତାର ଭଙ୍ଗ ବିଷୟରେ କୌଣସି ପ୍ରଶ୍ନ ଉଠୁନାହିଁ । କିନ୍ତୁ ଆଇନଜୀବୀ ପରିଷଦ ନ୍ୟାୟାଧିକରଣ ଏବଂ ବମ୍ବେ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର ଉପରେ ଯୁକ୍ତି କରାଯାଇଥିବା ଏକ ବିଷୟ ହୋଇଥିବାରୁ ଆମେ ଖୁବ୍ ଶୀଘ୍ର ଏହାର ବିଚାର କରିବୁ ।

1954
ଶ୍ରୀଯୁକ୍ତ 'ଜି', ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବରିଷ୍ଠ ଅଧିବକ୍ତା
*ବନାମ.*
ବମ୍ବେ ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧୀଶ ଏବଂ ନ୍ୟାୟାଧୀଶବୃନ୍ଦ
ନ୍ୟାୟାଧୀଶ ବୋଷ

ଶ୍ରୀଯୁକ୍ତ ଜିଙ୍କ ପ୍ରଥମ ଆପତ୍ତି ହେଉଛି ଯେ ନ୍ୟାୟାଧିକରଣ ସମ୍ମୁଖରେ ଆଇନଗତ କାର୍ଯ୍ୟାନୁଷ୍ଠାନଟି କ୍ଷମତା ବର୍ହିଭୂତ ଥିଲା କାରଣ ସେଠାରେ ନିଯୁକ୍ତିର କୌଣସି ଉପଯୁକ୍ତ ନିର୍ଦ୍ଦେଶ ନଥିଲା । ବହୁତ ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ନ୍ୟାୟାଧିକରଣ ଗଠନ କରୁଥିବା ମୁଖ୍ୟ ନ୍ୟାୟାଧୀଶଙ୍କ ନିର୍ଦ୍ଦେଶର ଏକ ନକଲ ପାଇଁ ନିବନ୍ଧକ ଏବଂ ମୁଖ୍ୟକିରାଣୀଙ୍କ ନିକଟରେ ଆବେଦନ କରିଥିଲେ । ମୁଖ୍ୟକିରାଣୀ ତାଙ୍କୁ କହିଥିଲେ ଯେ ଏହି ଆଦେଶଟି ମୌଖିକ ଥିଲା ।

ଶ୍ରୀ 'ଜି' ନ୍ୟାୟାଧିକରଣଙ୍କ ସମ୍ମୁଖରେ ଦୁଇଟି ଲିଖିତ ବିବୃତି ଦେଇଥିଲେ ଏବଂ କୌଣସିଥିରେ ଏହି ତଥ୍ୟର ବିବରଣୀକୁ ଆପତ୍ତି କରିନଥିଲେ । ଏହି ଆଦେଶ "ନ୍ୟାୟିକ" ନଥିଲା ଏବଂ ତେଣୁ ଏହା ବୈଧ ନଥିଲା ବୋଲି କହି ସେ ନିଜକୁ ସନ୍ତୁଷ୍ଟ କରିଥିଲେ । ସେ ଉଚ୍ଚ ନ୍ୟାୟାଳୟରେ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଥିଲେ । ମାନ୍ୟବର ନ୍ୟାୟାଧୀଶମାନେ କହିଲେ -

"ନଥି ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଯେତେବେଳେ ଏହା ଏହି ନ୍ୟାୟାଳୟର ଦୃଷ୍ଟିକୁ ଆସିଥିଲା......ଧାରା 10(2) ଅନୁଯାୟୀ ଏହି ମାମଲାକୁ ଆଇନଜୀବୀ ପରିଷଦକୁ ବିଚାର ନିମନ୍ତେ ପଠାଇବାକୁ ନିଷ୍ପତ୍ତି ନିଆଯାଇଥିଲା ଏବଂ ସେହି ଅନୁଯାୟୀ ଏହି ନ୍ୟାୟାଳୟର ମାନ୍ୟବର ମୁଖ୍ୟନ୍ୟାୟାଧୀଶଙ୍କ ଦ୍ୱାରା ଧାରା 11(1) ଅନୁଯାୟୀ ଏକ ନ୍ୟାୟାଧିକରଣ ନିଯୁକ୍ତ କରାଯାଇଥିଲା ।"

ଏହି ନ୍ୟାୟାଳୟରେ ତାଙ୍କ ଆବେଦନରେ ସେ ଏହି ତଥ୍ୟର ବିବୃତିକୁ ଆପତ୍ତି କରିନଥିଲେ ବରଂ ପୁନର୍ବାର ତାଙ୍କ ଯୁକ୍ତିକୁ ଆଦେଶର ବୈଧତାର ପ୍ରଶ୍ନରେ ସୀମିତ ରଖିଥିଲେ । ଏସବୁରୁ ଏହା ସ୍ପଷ୍ଟ ଯେ ଏକ ମୌଖିକ ଆଦେଶ ଦିଆଯାଇଥିବା ତଥ୍ୟ ଉପରେ ଆପତ୍ତି କରାଯାଇନଥିଲା । ଆମେ ଶ୍ରୀଯୁକ୍ତ 'ଜି' ଙ୍କୁ ଏହାର ବିପକ୍ଷରେ ଯିବାକୁ ଅନୁମତି ଦେଇପାରିବୁ ନାହିଁ ।

ପରବର୍ତ୍ତୀ ପ୍ରଶ୍ନ ହେଉଛି ମୌଖିକ ଆଦେଶ ଯଥେଷ୍ଟ କି : ଆଇନଜୀବୀ ପରିଷଦ ଅଧିନିୟମ କୌଣସି ପଦ୍ଧତି ଧାର୍ଯ୍ୟ କରେ ନାହିଁ । ଏହା କେବଳ ଏତିକି କହୁଛି ଯେ -

ଧାରା 10(2):

"......ଉଚ୍ଚ ନ୍ୟାୟାଳୟ....ଏହାର ନିଜସ୍ୱ ପ୍ରସ୍ତାବରେ ଏପରି କୌଣସି ମାମଲାକୁ ବିଚାରାର୍ଥେ ପ୍ରେରଣ କରିପାରିବେ ଯେଉଁଥିରେ ଏହାର ବିଶ୍ୱାସ କରିବା ପାଇଁ ଅନ୍ୟଥା କାରଣ ଥାଏ ଯେ ଏପରି କୌଣସି ଓକିଲ ଦୋଷୀ ଅଟନ୍ତି ।

ଏବଂ ଧାରା 11(2) କୁହେ -

"ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା ତଦନ୍ତ ଉଦ୍ଦେଶ୍ୟରେ ନିଯୁକ୍ତ ଆଇନଜୀବୀ ପରିଷଦର ଅତିକମ୍ ରେ ତିନିଜଣ ସଦସ୍ୟଙ୍କୁ ନେଇ ନ୍ୟାୟାଧିକରଣ ଗଠିତ ହେବ।

1954

ଶ୍ରୀଯୁକ୍ତ 'ଜି', ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବରିଷ୍ଠ ଅଧିବକ୍ତା

*ବନାମ.*

ବମ୍ବେ ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧୀଶ ଏବଂ ନ୍ୟାୟାଧୀଶବୃନ୍ଦ

ନ୍ୟାୟାଧୀଶ ବୋଷ

ଆମେ ସହମତ ଯେ ନଥିରେ ଆଦେଶର କିଛି ବିବରଣୀ ରହିବା ଆବଶ୍ୟକ, କିନ୍ତୁ ଆମ ମତରେ, ଆଦେଶଟି ଲିଖିତ ହେବାର ଆବଶ୍ୟକତା ନାହିଁ; ଏହା ନ୍ୟାୟାଳୟର ଜଣେ ଉପଯୁକ୍ତ ଅଧିକାରୀଙ୍କୁ ଦିଆଯାଇଥିବା ମୌଖିକ ଆଦେଶ ହୋଇପାରେ । ବର୍ତ୍ତମାନର ମାମଲାରେ, 1953 ମସିହା ଏପ୍ରିଲ ମାସ 29ତାରିଖରେ ମୁଖ୍ୟକିରାଣୀଙ୍କ ଦ୍ୱାରା ନିବନ୍ଧକଙ୍କୁ ଲିଖିତ ପତ୍ର ସଂଖ୍ୟା ଜି-1003 ଏବଂ 1953 ମେ ମାସ 1 ତାରିଖରେ ନିବନ୍ଧକଙ୍କ ଦ୍ୱାରା ଆଇନଜୀବୀ ପରିଷଦଙ୍କୁ ଲିଖିତ ପତ୍ର ସଂଖ୍ୟା E.41-09/53 (ଯାହାର କାର୍ଯ୍ୟାଳୟ ନକଲ ନଥିରେ ରଖାଯାଇଥିଲା) ଆଦେଶ ଦେବା ପାଇଁ ଏକ ପର୍ଯ୍ୟାପ୍ତ ବିବରଣୀ | ଶ୍ରୀଯୁକ୍ତ 'ଜି'ଙ୍କୁ ଏହି ପତ୍ରଗୁଡ଼ିକର ନକଲ ଯୋଗାଇ ଦିଆଯାଇଥିଲା ଏବଂ ତେଣୁ ଆଦେଶ ଜାରି କରାଯାଇଥିବା ବିଷୟରେ ସେ ଅବଗତ ଥିଲେ । ବାସ୍ତବରେ, ଆମେ ଉଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟାଳୟର ମୂଳ ନଥିଗୁଡ଼ିକୁ ଦେଖିଛୁ ଏବଂ ଜାଣିବାକୁ ପାଇଛୁ ଯେ ନ୍ୟାୟାଧିକରଣର ତିନି ଜଣ ସଦସ୍ୟଙ୍କ ନାମ ମୁଖ୍ୟ ନ୍ୟାୟାଧୀଶଙ୍କ ହସ୍ତାକ୍ଷରରେ ଲିପିବଦ୍ଧ ହୋଇରହିଛି ଏବଂ ନିମ୍ନଭାଗରେ ଆଦ୍ୟାକ୍ଷର ରହିଛି । ତାହା ହେଉଛି ଆଦେଶ କରିବାର ଏକ ଅତିରିକ୍ତ ବିବରଣୀ । ଆଇନଜୀବୀ ପରିଷଦ ଅଧିନିୟମର ଧାରା 10(2) ଏବଂ 11(2) ର ଉଦ୍ଦେଶ୍ୟ ପାଇଁ ଉପରୋକ୍ତ ପଦ୍ଧତିରେ ଲିଖିତ ହୋଇଥିବା ଏକ ଆଦେଶ ଯଥେଷ୍ଟ ବୋଲି ଆମେ ଧାରଣା କଲୁ ଏବଂ ବିଚାର କଲୁ ଯେ ନ୍ୟାୟାଧିକରଣ ବୈଧ ଭାବରେ ନିଯୁକ୍ତ ହୋଇଥିଲା ।

ଶ୍ରୀଯୁକ୍ତ ଜିଙ୍କ ପରବର୍ତ୍ତୀ ପ୍ରସଙ୍ଗ ହେଉଛି ଯେ ଉଚ୍ଚ ନ୍ୟାୟାଳୟରେ କୌଣସି "ଅଭିଯୋଗ" ନଥିଲା ଏବଂ ତେଣୁ ଏହି ମାମଲାକୁ ନ୍ୟାୟାଧିକରଣକୁ ବିଚାରର୍ଥେ ପଠାଇବା ପାଇଁ ଏହାଙ୍କର କୌଣସି ଅଧିକାରିତା ନଥିଲା । ଏହା ଏହି ତଥ୍ୟକୁ ଅଣଦେଖା କରେ ଯେ ଉଚ୍ଚ ନ୍ୟାୟାଳୟ ଏହି ପ୍ରକାରର "ନିଜସ୍ୱ ପ୍ରସ୍ତାବ" ବିଷୟକୁ ଆଇନଜୀବୀ ପରିଷଦ ଅଧିନିୟମର ଧାରା 10(2) ଅନୁଯାୟୀ ବିଚାରର୍ଥେ ପ୍ରେରଣ କରିପାରିବେ ।

ଆମେ ସଂଯୁକ୍ତ ମାମଲାର ଗୁଣବତ୍ତା ଉପରେ ବିଚାର କରିଛୁ ।

ଏହି ଆବେଦନଟି ଖାରଜ ହୋଇଛି କିନ୍ତୁ, ଏଠାରେ ପୁଣି, ଆମେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ଦେଉନାହୁଁ ।

*ଆବେଦନ ଖାରଜ ହେଲା ।*

# <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।